**ସଂକ୍ଷେପରେ**

## ଆଜି ନାମାଙ୍କନ ପତ୍ର ଦାଖଲ

### ଓକିଲ ସଂଘ ନିର୍ବାଚନ

**ଗୁଣପୁର,୨୨।୧୧(ଡି.ଏନ୍.ଏ.)-** ରାୟଗଡ଼ା ଜିଲା ଗୁଣପୁର ଓକିଲ ସଂଘର ନିର୍ବାଚନ ଡିସେମ୍ବର ୧୨ରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ସୋମବାର ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଅନୁଷ୍ଠିତ ହେବ। ସେହିପରି ମଙ୍ଗଳବାର ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ବୁଧବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ ହୋଇଛି। ଏ ନେଇ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ଦୁର୍ଗା ପ୍ରସାଦ ମଣିପାତ୍ର ସୂଚନା ଦେଇଛନ୍ତି।

## କରୋନା ସଚେତନ କାର୍ଯ୍ୟକ୍ରମ

**ରାୟଗଡ଼ା ଅଫିସ,୨୨।୧୧-** ରାୟଗଡ଼ା ସ୍ୱୟଂ ସାଶିତ ମହାବିଦ୍ୟାଳୟ ତରଫରୁ କୋଭିଡ୍-୧୯ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଚେକାଗୁଡ଼ା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଭି.ଆର. ରତ୍ନଶ୍ରୀ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ସଚେତନ କରି ମାସ୍କ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନଏସଏସ ୟୁନିଟର ପ୍ରୋଗ୍ରାମ ଅଫିସର, ଅଶୋକ କୁମାର ସାହୁ, ଲିଜାରାଣୀ ଶତପଥୀ, ଭାସ୍କର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ସବୁଠି ମନେପଡ଼ିଲେ ଶହୀଦ ଲକ୍ଷ୍ମଣ ନାୟକ



**ଗୁଣପୁର,୨୨।୧୧(ଡି.ଏନ୍.ଏ)** ରାୟଗଡା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ ରବିବାର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତି ପାଳିତ ହୋଇଯାଇଛି। ସ୍ଥାନୀୟ ଏସ୍‌ଏଲ୍‌ଏନ୍‌ଏମ୍ ହାଇସ୍କୁଲଠାରେ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାହୁଙ୍କ ସମେତ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ରହି ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ତାଙ୍କୁ ମନେ ପକାଇଥିଲେ। ସେହିପରି ଡମ୍ବସରାଠାରେ ଭାଜପା ପକ୍ଷରୁ ଲକ୍ଷ୍ମଣ ନାୟକଙ୍କ ଜୟନ୍ତି ପାଳନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଧର ଶବର, ନକୁଳ ମଲିଫୁଲ, ଶ୍ରୀଧର ଶବରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଶହୀଦଙ୍କୁ ମନେ ପକାଇଥିଲେ।

# ବିପଜ୍ଜନକ ଅବସ୍ଥାରେ ବଂଶଧାରା ପୋଲ

**ଚନ୍ଦ୍ରପୁର,୨୨।୧୧(ଡି.ଏନ୍.ଏ)–**



ଡାଙ୍ଗସୋରଡ଼ା ଗ୍ରାମ ନିକଟ ପୋଲ।

- ନଦୀବଢ଼ିରେ ଘୁଞ୍ଚିଯାଇଛି ପୋଲ ଛାତ
- ମରାମତିର ନାଁ ଗନ୍ଧ ନାହିଁ
- ବିପଦରେ ଯାତାୟାତ କରୁଛି ଭାରିଯାନ

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡ଼ା ପଞ୍ଚାୟତ ସଦରଠାରୁ ପିସ୍କାପଙ୍ଗା ସଦର ଦେଇ ହିରବା ଗ୍ରାମକୁ ସଂଯୋଗ କରୁଥିବା ୧୫କି.ମି. ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୬ ଡିସେମ୍ବରରୁ ୭କୋଟି ୮୬ଲକ୍ଷ ୫୭ହଜାର ୬୧୪ଟଙ୍କା ବ୍ୟୟରେ ରାସ୍ତାକାମ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଡାଙ୍ଗସୋରଡ଼ା ଗ୍ରାମ ନିକଟରେ ବଂଶଧାରା ନଦୀ ଉପରେ ଏକ ବଡ଼ ପୋଲ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇଥିଲା। ପରବର୍ତ୍ତୀ ସମୟରେ ବଂଶଧାରା ନଦୀ ବଢ଼ି ଯୋଗୁ ପାଣି ସୁଅରେ ନିର୍ମାଣାଧୀନ ପୋଲର ମଝି ଛାତଟି ୧ ଫୁଟ ବ୍ୟବଧାନରେ ଘୁଞ୍ଚିଯାଇଥିଲା, ଯଦ୍ଦ୍ୱାରା ପୋଲଟି ବିପଜ୍ଜନକ ଅବସ୍ଥାରେ ରହିଛି। ଏପରି ଅବସ୍ଥା ଦେଖି ସେତେବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀ ଆସି ପୋଲର ଅନୁଧ୍ୟାନ କରିଥିଲେ। ଠିକାଦାରଙ୍କୁ କହି ପୋଲ ସମ୍ମୁଖରେ ଭାରିଯାନ ଚଳାଚଳ ନିଷେଧ ବୋଲି ଏକ ସୂଚନା ଫଳକ ପୋତିଦେଇ ଚାଲିଯାଇଥିଲେ। ଫଳରେ କିଛିଦିନ ଏହି ରାସ୍ତାରେ ଭାରିଯାନ ଯାତାୟାତ ବନ୍ଦ ରହିଥିଲା। ତେବେ ଏହାମଧ୍ୟରେ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଏବେ ପୁଣି ଏହି ପୋଲ ଦେଇ ବିଭିନ୍ନ ଭାରିଯାନ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ଏଠାରେ ଦୁର୍ଘଟଣାର ଆଶଙ୍କା ରହିଥିବା ପିସ୍କାପଙ୍ଗା ପଞ୍ଚାୟତର ବୁଦ୍ଧିଜୀବୀ ବିଷ୍ଣୁ ପ୍ରସାଦ ପାତ୍ର, ଡାଙ୍ଗସୋରଡ଼ା ପଞ୍ଚାୟତର ସୁବ୍ରତ ମଣ୍ଡଳ, ଲକ୍ଷ୍ମଣ ବ୍ରେଡେକା, ଉପେନ୍ଦ୍ର ବ୍ରେଡେକା, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ରଙ୍କ ସମେତ ଅନେକ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଶୀଘ୍ର ପଦକ୍ଷେପ ନେବାପାଇଁ ଦାବି ହୋଇଛି। ଏ ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଗୁଣପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ପାଢ଼ୀଙ୍କୁ ପଚାରିବାରୁ ସେ କହିଛନ୍ତି, ଏଥିପାଇଁ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ। ଏ ନେଇ ସରକାରଙ୍କ ନିକଟକୁ ପ୍ରସ୍ତାବ ଯାଇଛି। ନୂତନଭାବେ ଯୋଗଦେଇଥିବା ଅଧୀକ୍ଷଣ ଯନ୍ତ୍ରୀ ପୋଲର ଅନୁଧ୍ୟାନ କରି ପୁଣି ସରକାରଙ୍କୁ ଅବଗତ କରାଇବେ। ଟଙ୍କା ଆସିଲେ କାମ ହେବ ବୋଲି ସେ କହିଛନ୍ତି।

# ସୀମାନ୍ତ ଅଞ୍ଚଳର ବିକାଶ ପ୍ରକ୍ରିୟା ନେଇ ଜିଲାସ୍ତରୀୟ ବୈଠକ

**ଦକ୍ଷିଣାଞ୍ଚଳ ଆରଡିସିଙ୍କ ଗସ୍ତ ପରେ ତତ୍ପରତା**

**କୋରାପୁଟ,୨୨।୧ (ସ୍ୱ.ପ୍ର)**

ଗତ କିଛି ଦିନ ଧରି କୋରାପୁଟ ଜିଲାର ନାରାୟଣପାଟଣା ଓ ପଟ୍ଟାଙ୍ଗି ବ୍ଲକର ସମ୍ବାଇ ଓ କୋଟିଆ ପଞ୍ଚାୟତରେ ଆନ୍ଧ୍ରର ବେନିୟମ କାର୍ଯ୍ୟକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ବିବାଦ ଦେଖାଦେଇଛି। ଏହି ସମସ୍ୟାର ସମାଧାନ ନେଇ ଶନିବାର ଆରଡିସିଙ୍କ ନେତୃତ୍ୱରେ ଏକ ପ୍ରଶାସନିକ ଟିମ୍ ନାରାୟଣପାଟଣା, କୋଟିଆ, ସମ୍ବାଇ ପଞ୍ଚାୟତର ସୁନାବେଡା ଗ୍ରାମ ପରିଦର୍ଶନ କରି ସେଠାର ସ୍ଥିତି ଅନୁଧ୍ୟାନ କରି ଫେରିଥିଲେ । ପ୍ରଶାସନିକ ଅଧିକାରୀମାନଙ୍କୁ ଉକ୍ତ ଅଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନେଇ ନିର୍ଦ୍ଦେଶ ଦେଇଥିଲେ । ଏହି ଅନୁଯାୟୀ କୋରାପୁଟ ଡିଆରଡିଏ ସଦଭାବନା ସଭା ଗୃହରେ ରବିବାର ଜିଲାର କୋଟିଆ ପଞ୍ଚାୟତର ସାମଗ୍ରିକ ବିକାଶ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ କୋରାପୁଟ ଉପଜିଲାପାଳ ତଥା କୋଟିଆ ବିକାଶ ନୋଡାଲ ଅଧିକାରୀ ଲଳିତ କୁମାର କହଁର, ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ, ଜିଲା ଯୋଜନା ଅଧିକାରୀ, ସାଉଥକୋର ନିର୍ବାହୀଯନ୍ତ୍ରୀ, ଭାରତୀୟ ସଂଚାର ନିଗମର ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲା ଜଳ ଓ ପରିମଳ ଅଧିକାରୀ ଯୋଗଦେଇ ବର୍ତ୍ତମାନ କୋଟିଆରେ ଚାଲିଥିବା ସମସ୍ତ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ନିଜ ବିଭାଗ ଅଧୀନରେ ହେଉଥିବା କାର୍ଯ୍ୟର ରିପୋର୍ଟ ଦେଇଥିଲେ। କୋଟିଆରେ ଏମ୍‌ଜିଏନ୍‌ଆରଜିଏ କାର୍ଯ୍ୟରେ ଅଧିକ ପଞ୍ଚାୟତର ଲୋକଙ୍କୁ ୧୦୦ ଦିନ କାମ ଯୋଗାଇଦେବା ନେଇ ଆଲୋଚନା ହୋଇଥିଲା। ବୈଠକରେ କେଉଁ ବିଷୟ ଆଲୋଚନା ହୋଇଥିଲା ସେ ନେଇ ଅତିରିକ୍ତ ଜିଲାପାଳଙ୍କ ସମେତ ଅଧିକାରୀମାନେ ଗଣମାଧ୍ୟମକୁ କୌଣସି ସୂଚନା ଦେଇ ନ ଥିଲେ ।

# ଏନ୍‌ସିସି ଶୃଙ୍ଖଳା ଶିଖାଏ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଜାତୀୟ ଏନସିସି ଦିବସ ପାଳିତ**

**ରାୟଗଡ଼ା ଅଫିସ,୨୨।୧୧**

ରାୟଗଡ଼ା ସ୍ୱୟଂସାଶିତ ମହାବିଦ୍ୟାଳୟଠାରେ ରବିବାର ଜାତୀୟ ଏନସିସି ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏସପି ଡ଼. ଶ୍ରବଣ ବିବେକ ଏମ. ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମେ ଏସ୍‌ପି ପତାକା ଉତ୍ତୋଳନ କର ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ଜୀବନରେ ଏନସିସିର ଗୁରୁତ୍ୱ, ଏହାର ମହତ୍ୱ ଏବଂ ଏ କ୍ଷେତ୍ରରେ ନିଜ ଅନୁଭୂତିକୁ ପ୍ରକାଶ କରିଥିଲେ। ଏନସିସି ଆମକୁ ଶୃଙ୍ଖଳାର ସହ ବଞ୍ଚିବା ଶିଖାଏ। ପ୍ରତ୍ୟେକଙ୍କ ଜୀବନରେ ଶୃଙ୍ଖଳା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଏସ୍‌ପି କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ଆଲୁମିନାର ୟୁନିଟ ହେଡ୍ ଏବଂ ସିଇଓ ମାଜର ବେଗ ଏବଂ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ମହା ବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଭି.ଆର. ରତ୍ନଶ୍ରୀ , ଉଦୟ ନାୟକ ଏବଂ ଏନସିସି ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକ ଉପସ୍ଥିତ ଥିଲେ। କ୍ୟାଡ଼ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ରାୟଗଡ଼ା ଏନସିସି ଛାତ୍ରୀଛାତ୍ରଙ୍କ କୃତିତ୍ୱ ସମ୍ପର୍କରେ ବିବରଣୀ ପାଠ କରାଯାଇଥିଲା। ଏହି ଅବସରରେ ଏନସିସି କ୍ୟାଡ଼ରଙ୍କ ପାଇଁ ଏକ ଅତିରିକ୍ତ ଏନସିସି ରୁମ ଏବଂ ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ ସହ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ନିଜ ଅଭିଭାଷଣ ବେଳେ ସମାଜ ଗଠନରେ ଯୁବପୀଢ଼ିଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ପ୍ରକାଶ କରି ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ସେ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉତ୍କଳ ଆଲୁମିନା ସିଇଓ ଏନସିସିରେ ଶୃଙ୍ଖଳାରୁ ଅନେକ କିଛି ଶିଖିବାକୁ ମିଳେ ବୋଲି କହିଥିଲେ। ଛାତ୍ରୀଛାତ୍ରୀଙ୍କ ସମେତ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ ।

# ରାୟଗଡ଼ା ପୌର କାର୍ଯ୍ୟାଳୟରେ ଆର୍ଥିକ ଅନିୟମିତତା

**ରାୟଗଡ଼ା ଅଫିସ,୨୨।୧୧**

ରାୟଗଡ଼ା ପୌର ପରିଷଦ କାର୍ଯ୍ୟାଳୟରେ ବ୍ୟାପକ ଅର୍ଥିକ ଅନିୟମିତତା ନେଇ ଅଭିଯୋଗ ହେଉଥିବାବେଳେ ତାହା ଅଡିଟ୍ ବିଭାଗର ରିପୋର୍ଟରୁ ସତ ପ୍ରମାଣିତ ହୋଇଛି। ଜିଲା ଅଡିଟ୍ ଅଧିକାରୀ ମିତସନା ରାଉତଙ୍କ ୨୦୧୭-୧୮ ଏବଂ ୨୦୧୮-୧୯ ବର୍ଷର ଅଡିଟ୍ ରିପୋର୍ଟରୁ ଅନିୟମିତତା ନେଇ ସ୍ପଷ୍ଟ ହେଉଥିବା ସିଟିଜେନ୍ ଇନଫରମେଶନ ଏଣ୍ଡ ଲିଗାଲ ଏଡ୍ ସେଣ୍ଟର ରାୟଗଡ଼ା ଶାଖା ସଭାପତି ରାଜୁ ମହାପାତ୍ର ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆର୍ଥିକ ଅନିୟମିତତାରେ ତତ୍କାଳୀନ ପୌର ପରିଷଦ ଅଧିକାରୀଙ୍କୁ ସେ ଦାୟି କରିବା ସହ ଶୀଘ୍ର ଲୋକାୟୁକ୍ତରେ ଏ ନେଇ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି।

ଅଡିଟ୍ ରିପୋର୍ଟ ଅନୁଯାୟୀ, ପୌର ପରିଷଦ କାର୍ଯ୍ୟାଳୟର ୬ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଠିକ୍ ନ ଥିବା ଜଣାପଡ଼ିଛି। କର୍ମଚାରୀ ଅଭାବ ଦର୍ଶାଇ କେତେକ ମୂଲ୍ୟବାନ ଜମି ଏବଂ ଗୁରୁତ୍ୱପୂର୍ଣ୍ଣ ଫାଇଲ ଠିକ୍‌ଭାବେ ପରିଚାଳନା କରାଯାଉ ନ ଥିବା ଦର୍ଶାଯାଇଛି। ପୌର ପରିଷଦର ସ୍ଥାବର ସମ୍ପତ୍ତିର ହିସାବ ମଧ୍ୟ ପୌର ଅଧିକାରୀଙ୍କ ପାଖରେ ନାହିଁ । କେତେକ ଫାଇଲରେ ବ୍ୟାପକ ଅନିୟମିତତା ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ବ୍ୟାଙ୍କ ପାସବୁକ ଓ ରେକର୍ଡ ବୁକ୍‌ରେ ତାଳମେଳ ରହୁ ନ ଥିବା ଜଣାପଡ଼ିଛି। ୧,୬୮,୪୨,୦୭୬ ଟଙ୍କାର ପବ୍ଲିକ୍ ଫଣ୍ଡରେ ଅନିୟମିତତା ହୋଇଥିବା ଜଣାପଡ଼ିଛି। ନନ୍ ମେଣ୍ଟେନାନ୍ସ ଇନ୍‌ଭେଷ୍ଟମେଣ୍ଟ ରେଜିଷ୍ଟର ବୋଲି ଉଲ୍ଲେଖ ରହିଛି। ଅର୍ଥ ବିନିଯୋଗର କୌଣସି ହିସାବ ରଖାଯାଇନାହିଁ । ତେଣୁ ପୂର୍ବତନ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଇଯୋଶୀଙ୍କଠାରୁ ୨୫ହଜାର ୫ଶହ ଟଙ୍କା ଆଦାୟ ନିମନ୍ତେ ନିର୍ଦ୍ଦେଶ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ତାହା ଆଦାୟ ହୋଇନାହିଁ। ତେଣୁ ଶୀଘ୍ର ଏଥିପ୍ରତି ଦୃଷ୍ଟିଦେବାକୁ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ପୌର ପରିଷଦରେ ବିଭିନ୍ନ ପଦବୀରେ ଥିବା ଅଧିକାରୀମାନେ ନେଇଥିବା ଆଡ଼ଭାନ୍ସ ବାବଦକୁ ୨୦୦୬ରୁ ୨୦୧୯ ପର୍ଯ୍ୟନ୍ତ ୧,୫୮,୬୭,୮୦୦ ଟଙ୍କା ଏବଂ ଅନ୍ ସିକ୍ୟୁର୍ ଆଡ଼ଭାନ୍ସ ବାବଦରେ ୪,୫୭,୦୦୦ ଟଙ୍କା ବକେୟା ରହିଛି। ପର୍ସନାଲ ରେସ୍‌ପନସିବଲରେ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ, ଟ୍ୟାକ୍ସ କଲେକ୍ଟର, ସାନିଟାରି ଇନ୍ସପେକ୍ଟର, ପୂର୍ବତନ ନଗରପାଳିକା ବାକି ଅଛନ୍ତି। ୟୁସି ବାବଦରେ ୨୦୧୨-୧୩ ରୁ ୨୦୧୭-୧୮ ପର୍ଯ୍ୟନ୍ତ ବକେୟା ରହିଛି। ଏ ପର୍ଯ୍ୟନ୍ତ ୟୁସି ପ୍ରଦାନ କରାଯାଇନାହିଁ ଏବଂ ବିନିଯୋଗ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଛି। ପୂର୍ବରୁ ଆଦାୟ ଟଙ୍କା ବ୍ୟାଙ୍କରେ ଜମା କରାଯାଇ ନ ଥିବା ଜଣାପଡ଼ିଛି। ସେହିପରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଟଙ୍କା ଜମାରେ ଖିଲାପ କରାଯାଇଥିବାବେଳେ ଅନ୍ୟାନ୍ୟ ଖର୍ଚ୍ଚର ହିସାବ ନ ଥିବା ଜଣାପଡ଼ିଛି। ପୌର ପରିଷଦ କର୍ତ୍ତୃପକ୍ଷ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନରେ ବିଫଳ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ବିଭିନ୍ନ ମାଧ୍ୟମରେ ରୟାଲିଟି, ଜିଏସ୍‌ଟି ଆଇଟି ବାବଦରେ ୨୦୧୭ -୧୮ ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ଟଙ୍କା ବକେୟା ରହିଛି। ଉକ୍ତ ଟଙ୍କା ୩ ଦିନ ମଧ୍ୟରେ ଟ୍ରେଜେରିରେ ଜମା କରାଯିବା ଆବଶ୍ୟକ। ଏଥିରେ ଖିଲାପ କରାଗଲେ ୧୨ ପ୍ରତିଶତ ଜରିମାନା ସହ ଜମା କରାଯିବା କଥା ବୋଲି କୁହାଯାଇଛି। ଏନଏସ୍‌ଡିପି ଫଣ୍ଡରୁ ଋଣ ନେଇ ଟଙ୍କା ପୈଠ କରି ନ ଥିବାବେଳେ ତାହା ଶୀଘ୍ର ପୈଠ କରିବା ପାଇଁ ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ୩୦୧୮୫୬୭୯ ଟଙ୍କା ସୁଧ ସହ ଅଦାୟ ନିମନ୍ତେ ଅଡିଟ୍ ଅଧିକାରୀ ପୌର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଉକ୍ତ ଅଡିଟ୍ ରିପୋର୍ଟ ବିଷୟରେ ଏବେକାର ପୌର ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ କହିଛନ୍ତି, ଏହା ମୋ ସମୟର ନୁହେଁ।

## ଘାଟିରେ ଓଲଟିଲା ଅଟୋ:୯ ଶ୍ରମିକ ଆହତ

**ଝରିଗାଁ,୨୨।୧୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ମୁଖ୍ୟରାସ୍ତା ଘାଟିରେ ରବିବାର ସକାଳେ ଏକ ଅଟୋ ଓଲଟି ୯ ଶ୍ରମିକ ଆହତ ହୋଇଛନ୍ତି। ଅଟୋଟିର ବ୍ରେକ୍ ଫେଲ୍ ଯୋଗୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଆହତ ଶ୍ରମିକାମାନେ ହେଲେ ରାମସାଏ ଭତ୍ରା, ଲମ୍ବୁ ଗୌଡ଼, ପଦମନ ଭତ୍ରା, ପିଲୁ ଭତ୍ରା, ସୁଦର ଭତ୍ରା, ମୋତିସିଂ ଭତ୍ରା, ଅରୁଣ ଭତ୍ରା, କରମସିଂ ମାଝି ଏବଂ ଭରତ ଭତ୍ରା। ଏମାନଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ଶ୍ରମିକମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କୋଷାଗୁମୁଡ଼ା ବ୍ଲକ୍ ବାଲିଗାଁ ଏବଂ ବଡ଼ଗୁଡ଼ା ଗ୍ରାମର ୧୦ ଶ୍ରମିକ ଗାଁର ଏକ ଅଟୋ ଭଡ଼ାରେ ନେଇ ଚନ୍ଦାହାଣ୍ଡି ସଦରଠାରେ ଚାଲିଥିବା ଏକ କାମ ପାଇଁ ଯାଉଥିଲେ। ଚନ୍ଦାହାଣ୍ଡି ଘାଟିଠାରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଗୋଷ୍ଠାଷ୍ଟମୀରେ ଗୋ ପୂଜନ

**ଗୁଣପୁର,୨୨।୧୧(ଡି.ଏନ୍.ଏ)**

ରାୟଗଡ଼ା ଜିଲା ଗୁଣପୁରଠାରେ ରବିବାର ଗୋଷ୍ଠାଷ୍ଟମୀ ଅବସରରେ ଗୋ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଦ୍ୱୈତ ବେଦାନ୍ତ ଆଶ୍ରମ ପରିସର ଗୋଶାଳାରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ଗୋ ମାତାଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଆଶ୍ରମର ପୂଜକ ନଳନି ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ଶାନ୍ତି, ମୈତ୍ରୀ ନେଇ ସଚେତନତା

**ଗୁଣପୁର,୨୨।୧୧(ଡି.ଏନ୍.ଏ)**

ରାୟଗଡ଼ା ଜିଲା ଗୁଣପୁର ସେବା ସମାଜ ଏବଂ ସର୍ବୋଦୟ ସମାଜର ମିଳିତ ଆନକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବଅସରରେ ୱାନ ୱାର୍ଲଡ ୱାନ ଫ୍ୟାମିଲି ବାର୍ତ୍ତା ପ୍ରଦାନ କରାଯାଇଥିଲା। ବିଦେଶର ୨୬ ଦେଶ ଗଠନର ୭୦ ବର୍ଷ ପାଳନ ଅବସରରେ ଲିମାମେଡାଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାନ୍ତି ଏବଂ ମୈତ୍ରୀର ଭାବନା ସମସ୍ତଙ୍କ ମଧ୍ୟରେ ଜାତ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଳେଇ ପ୍ରକାଶ କରିଛନ୍ତି।




ମହିଳାମାନେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

# ମନେପଡ଼ିଲେ ଶହୀଦ ଲକ୍ଷ୍ମଣ ନାୟକ

**ବୈପାରୀଗୁଡା/କୋରାପୁଟ/ଜୟପୁର/ମାଲକାନଗିରି,୨୨।୧୧ (ଡି.ଏନ.ଏ.)**





ବୈପାରୀଗୁଡା ଓ ମାଲକାନଗିରିରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ।

**ଜିଲା କିମ୍ବା ବ୍ଲକ ପ୍ରଶାସନରୁ କେହି ଯୋଗ ଦେଲେନି**

ରବିବାର ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ତାଙ୍କ ଜନ୍ମମାଟି ବୈପାରୀଗୁଡା ବ୍ଲକ ତେନ୍ତୁଳିଗମ୍ମାଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷଙ୍କ ନେତୃତ୍ୱରେ ଶହୀଦ୍ ସମାଧୀ ସ୍ଥଳ ଓ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସରପଞ୍ଚ ବଦ୍ରା ନାୟକ, ଦଣ୍ଡାବାଡି ସରପଞ୍ଚ କମଳି ନାୟକ, ଶହୀଦ୍‌ଙ୍କ ଦାୟଦ ନନ୍ଦ ପୂଜାରୀ ଯୋଗ ଦେଇଥିଲେ। ସେହିପରି ଭୂମିଆ ସମାଜ ନେତା ନରେନ୍ଦ୍ର କାନ୍ଦିଳିଆଙ୍କ ନେତୃତ୍ୱରେ ୧୫ ଜଣ ଦଣ୍ଡାବାଡରୁ ତେନ୍ତୁଳିଗମ୍ମା ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ଅପରପକ୍ଷରେ ତେନ୍ତୁଳିଗୁମ୍ମା ଶହୀଦ୍‌ଙ୍କ ଜନ୍ମମାଟି ହୋଇଥିବାରୁ ପ୍ରତିବର୍ଷ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଏହି ଜୟନ୍ତୀ ଉତ୍ସବ ଏହା ପାଳନ କରାଯାଉଥିଲା। ଜିଲା ତଥା ବ୍ଲକ ସ୍ତରର ପ୍ରଶାସନିକ ଅଧିକାରୀମାନେ ଅତିଥି ରୂପେ ଯୋଗ ଦେଉଥିଲେ । ମାତ୍ର ଚଳିତ ବର୍ଷ ପ୍ରଶାସନ ପକ୍ଷରୁ କେହି ମଧ୍ୟ ଯୋଗ ଦେଇ ନ ଥିଲେ। ସୂଚନାଯୋଗ୍ୟ ଏଯାଏ ଶହୀଦ୍‌ଙ୍କ ଜନ୍ମମାଟିକୁ ଏ ପର୍ଯ୍ୟନ୍ତ ରାସ୍ତା ହୋଇପାରିନାହିଁ। ବ୍ଲକର ଦଣ୍ଡାବାଡି ଠାରୁ ତେନ୍ତୁଳିଗମ୍ମା ପର୍ଯ୍ୟନ୍ତ ରାସ୍ତା ଏବଂ କୋଲାବ ନଦୀ ଉପରେ ପୋଲ କରିବା ପାଇଁ ରହିଥିବା ପ୍ରସ୍ତାବ ସରକାରୀ ନାଲିଫିତା ତଳେ ଚାପି ହୋଇ ରହିଛି। ଫଳରେ ତେନ୍ତୁଳିଗମ୍ମା ଯିବାକୁ ହେଲେ ପଡୋଶୀ ମାଲାକାନାଗିରି ଜିଲା ସୀମା ଭିତର ଦେଇ ପ୍ରାୟ ୭୫ କିମି ରାସ୍ତା ବୁଲି ଯିବାକୁ ପଡଛି । ଗ୍ରାମରେ ମୋବାଇଲ୍ ଟାୱାର ମଧ୍ୟ ନାହିଁ । ଏନେଇ ଲୋକେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନ ଶୁଣୁନାହିଁ।

ସେହିପରି କୋରାପୁଟ ମାଟିର ବୀରପୁତ୍ର ଶହୀଦ ଲକ୍ଷ୍ମଣ ନାୟକ ଜୟନ୍ତୀ ସ୍ଥାନୀୟ ବସଷ୍ଟାଣ୍ଡଠାରେ ପାଳିତ ହୋଇଯାଇଛି । କୋରାପୁଟ ଆଦିବାସୀ ସଂଘ ଓ ଆମ୍ବେଡକର ସ୍ମୃତି କମିଟିର କର୍ମକର୍ତ୍ତାମାନେ ସ୍ଥାନୀୟ ବସଷ୍ଟାଣ୍ଡଠାରେ ଏକତ୍ରିତ ହୋଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଦିବାସୀ ସମାଜର ସମ୍ପାଦକ ପଦ୍ମନାଭ ଜାନି, ଉପଦେଷ୍ଟା ମଦନ କିରସାନି, ସନା ଜାନି, ଆମ୍ବେଦକର ସ୍ମୃତି କମିଟିର ସଭାପତି ଗଙ୍ଗା ସାଗର, ସମ୍ପାଦକ ବୈକୁଣ୍ଠ ମଣ୍ଡଳ, ସମାଜିକ କର୍ମୀ ଶିବ ମୁଦୁଲି, ହରି ଇଞ୍ଜେଲ, କାମାକ୍ଷା ମାଝି, ସନ୍ତୋଷ କୁମାର ବେହେରା, ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କ ସଂଗ୍ରାମୀ ଜୀବନୀ ଉପରେ ଆଲୋଚନା କରିଥିଲେ

ସେହିପରି ଅବିଭକ୍ତ କୋରାପୁଟ ଜିଲାର ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ରବିବାର ଜୟପୁରରେ ପାଳନ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୀତବାସ ବିଶ୍ୱାଳଙ୍କ ଉପସ୍ଥିତିରେ ବହୁ ବୁଦ୍ଧିଜୀବୀ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ । ମଦନ ନାୟକ, କୃଷ୍ଣଚନ୍ଦ୍ର ନେପାକ, ଦୁର୍ଗାମାଧବ ଶତପଥୀ, ଚନ୍ଦ୍ରକାନ୍ତ ସୁତାର, ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଜିଲା ଆଇନଜୀବୀ ସଂଘର ସଭାପତି ବିଜୟ ରାୟଜେନା ଦେଓ, ଆଇନଜୀବୀ ବିରେଶ ପଟ୍ଟନାୟକ, ସରୋଜ ଦାଶ, ରବିନ୍ଦ୍ର ପାତ୍ର, ମହେନ୍ଦ୍ର ଅଧିକାରୀ, ସହଦେବ ପଟ୍ଟନାୟକଙ୍କ ପକ୍ଷରୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ରବିବାର ତାଙ୍କର ୧୨୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ମହିଳା ମହାବିଦ୍ୟାଳୟ ପରିସରରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ କୁମାର ସାମନ୍ତରାୟ, ଅଧକ୍ଷ ଦୁଷ୍ମନ୍ତ ଜେନା, ସାହିତ୍ୟିକ ରତ୍ନାକର ଦାସ ଯୋଗ ଦେଇ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ଉତ୍କଳ ସାମ୍ବାଦିକ ସଂଘ ଜିଲା କାର୍ଯ୍ୟାଳୟ ପରିସରରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାମନ୍ତରାୟ, ସଭାପତି ଦୁର୍ଯ୍ୟୋଧନ ପାତ୍ର, ସମ୍ପାଦକ ସତ୍ୟ ନାରାୟଣ ଦାସ, ସହ ସମ୍ପାଦକ ସନୁ ଅନୁଗୁ, କୋଷାଧ୍ୟକ୍ଷ ଶ୍ରୀନିବାସ ପାତ୍ର ଉପସ୍ଥିତ ରହି ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଶିଖପାଲ୍ଲୀସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ପରିସରରେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ସରପଞ୍ଚ ମୁକା ମାଡକାମି, ସମ୍ପାଦକ ପଦିଆ ମାଡକାମି, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଭୂୟାଁ, ଶିକ୍ଷକ ଦୀନବନ୍ଧୁ ବେଜ, ସମୀରକାନ୍ତ ତ୍ରିପାଠୀ, ହେମନ୍ତ ସାହୁ, ଭିମା ମାଡକାମି ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ଗଛରେ ପିଟିହେଲା ବାଇକ୍: ୧ ମୃତ

ତେନ୍ତୁଲିଖୁଣ୍ଟି,୨୨।୧୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଖାତିଗୁଡ଼ା ଥାନା ଅଧୀନ ଆଉଁଲିଗୁମ୍ମାଠାରେ ରବିବାର ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉଦୟପୁର ଗ୍ରାମର ପଦ୍ମନ ହରିଜନଙ୍କ ପୁଅ ଚନ୍ଦ୍ରମୋହନ। ସେ କୌଣସି କାମରେ ଯାଇ ବାଇକ୍ ଯୋଗେ ଘରକୁ ଫେରିବା ସମୟରେ ଦ୍ରୁତଗତି ଯୋଗୁ ଆଉଁଲିଗୁମ୍ମାଠାରେ ବାଇକ୍ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଖାତିଗୁଡ଼ା ଥାନାଧିକାରୀ ଦୁର୍ଗାମାଧବ ବାଗ୍ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

### ୧ କୁଇଣ୍ଟାଲ ଗଞ୍ଜେଇ ଜବତ

ବୈପାରୀଗୁଡା,୨୨।୧୧ (ଡି.ଏନ୍.ଏ.)- ରବିବାର ବୈପାରୀଗୁଡା ପୋଲିସ ପକ୍ଷରୁ ୧ କୁଇଣ୍ଟାଲ ଗଞ୍ଜେଇ ସହ ଏକ କାର ଜବତ କରାଯାଇଛି। ନୂଆଗଡା ଛକରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ମାଲକାନାଗିରି ପଟୁ ଆସୁଥିବା କାରକୁ ପୋଲିସ ସନ୍ଦେହରେ ତନଖି କରିଥିଲା। ଏହି ସମୟରେ ଡ୍ରାଇଭର ଫେରାର ହୋଇଯାଇଥିଲେ। ତନଖି ବେଳେ କାରରୁ ୧ କୁଇଣ୍ଟାଲ ୧ କିଲୋ ଗଞ୍ଜେଇ ଜବତ ହୋଇଥିଲା ବୋଲି ଥାନା ଅଧିକାରୀ ମହେନ୍ଦ୍ର କମାର ସାହୁ କହିଛନ୍ତି। ଏନେଇ ୧୪୨/୨୦ରେ ଏକ ମାମଲା ରୁଜୁ ହୋଇଛି।

### ସ୍ମାର୍ଟ ଫୋନ ତାଲିକାରେ ୩୫ ପରିବାରର ନାଁ ନାହିଁ

ଚିତ୍ରକୋଣ୍ଡା,୨୨।୧୧(ଡି.ଏନ.ଏ.)- ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ୯ଟି ପଞ୍ଚାୟତ ବଡ଼ପଦା, ପାପରମେଟେଲା, ରାଲେଗାଡା, ଧୂଳିପୁଟ, ଯୋଡ଼ାମ୍ବ, ପଣସପୁଟ, ଅଣ୍ଡିରାପାଲି, ଗାଜୁଲୁମାମୁଡି ଓ ଯନ୍ତ୍ରୀ ପଞ୍ଚାୟତର ପ୍ରତି ପରିବାରକୁ ସ୍ମାର୍ଟ ଫୋନ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସେହି ଅନୁସାରେ ଗତ ୧୭ରେ ଭିଡିଓ କନ୍‌ଫରେନ୍ସରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇ ୭ଜଣଙ୍କୁ ସ୍ମାର୍ଟଫୋନ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କୁ ଖୁବ ଶୀଘ୍ର ଫୋନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। ଏହି ଅନୁଯାୟୀ ବ୍ଲକ ପ୍ରଶାସନ ଶିକ୍ଷକମାନଙ୍କ ମାଧମରେ ବିଭିନ୍ନ ପଞ୍ଚାୟତରେ ସ୍ମାର୍ଟ ଫୋନ ବଣ୍ଟନ କରୁଛନ୍ତି। ତେବେ ଧୂଳିପୁଟ ପଞ୍ଚାୟତ ଧୂଳିପୁଟ ଗ୍ରାମର ୩୫ ପରିବାରର ଏହି ସ୍ମାର୍ଟ ଫୋନ ତାଲିକାରେ ନାଁ ନାହିଁ। ଫଳରେ ସେମାନେ ସ୍ମାର୍ଟ ଫୋନ ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ବ୍ଲକ ପ୍ରଶାସନ ଧୂଳିପୁଟ ଗ୍ରାମର ୩୫ ପରିବାରକୁ ତାଲିକାଭୁକ୍ତ କରି ସ୍ମାର୍ଟ ଫୋନ ଯୋଗାଇ ଦେବାକୁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅବହେଳିତ ଗାଁର ନାଁ ଜାଲିଗୁଡା

ଏମଭି ୭୯,୨୨।୧୧(ଡି.ଏନ୍.ଏ.)


ନଈ ପାର ହୋଇ ପଞ୍ଚାୟତକୁ ଯାଉଛନ୍ତି ଗ୍ରାମବାସୀ।

■ ପାହାଡ ଚଢ଼ି ଯିବାକୁ ପଡେ ୫କିମି
■ ୫ ନଳକୂପ ଥାଇ ଦୂର କରିପାରିନି ଜଳକଷ୍ଟ
■ ପଞ୍ଚାୟତକୁ ଯିବାକୁ ହେଲେ ପାରି ହେବାକୁ ପଡେ ନଈ

ମାଲକାନଗିରି ଜିଲା କାଲିମେଳା ବ୍ଲକ ପ୍ରଶାସନଠାରୁ ମାତ୍ର ୩୫ କିମି ଦୂରରେ ରହିଛି ଆଦିବାସୀ ଗାଁ ଜାଲିଗୁଡା। ଏତେ କମ୍ ଦୂରରେ ଥିଲେ ମଧ ଲୋକଙ୍କ ସମସ୍ୟା ଦୂର ପାଇଁ ଗାଁରେ ଏଯାଏ ପହଞ୍ଚିପାରିନି ପ୍ରଶାସନ। ଗ୍ରାମକୁ ଯିବାଲାଗି ଭଲ ରାସ୍ତାଟିଏ ନାହିଁ। ପାନୀୟ ଜଳ ପାଇଁ ଗ୍ରାମବାସୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ଦୁଇ ପାହାଡ ଭିତରେ ଥିବା ଏହି ଆଦିବାସୀଙ୍କ ଗାଁକୁ ଯିବାକୁ ହେଲେ ପାହାଡ ଚଢି ଯିବାକୁ ପଡେ ୫ କିମି। ମହାରାଜପାଲି ପଞ୍ଚାୟତରେ ଥିବା ଜାଲିଗୁଡା ଗ୍ରାମବାସୀଙ୍କ ନିକଟରେ ପହଞ୍ଚିପାରିନି ବିକାଶ। ସରକାରଙ୍କ ସବୁ ଉନ୍ନୟନ କାର୍ଯ୍ୟ ସେମାନଙ୍କ ପାଇଁ ହୋଇଛି ଅପହଞ୍ଚ। ଭଲ ରାସ୍ତାଟିଏ ନ ଥିବାରୁ ଜରୁରୀ ସମୟରେ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରେ ନାହିଁ। ପାନୀୟ ଜଳ ସମସ୍ୟା ଦୂର ଲାଗି ଗ୍ରାମରେ ରହିଛି ୫ଟି ନଳକୂପ। ୨ଟିରୁ ଆୟୋଡିନ୍‌ଯୁକ୍ତ ପାଣି ବାହାରୁଛି। ଅନ୍ୟ ୩ଟିରେ ପାଣି ଆସୁଥିଲେ ମଧ ଗରାଏ ପାଣି ପାଇଁ ଘଣ୍ଟାଏ ଲାଗୁଛି। ୫୦ ପରିବାରକୁ ନେଇ ଗଢି ଉଠିଥିବା ଜାଲିଗୁଡା ଗାଁ ସବୁ ସମୟରେ ଏକ ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହୁଛି। ଚାଉଳ କି ଭତ୍ତା ଆଣିବାକୁ ହେଲେ ହିତାଧିକାରୀଙ୍କୁ ଆଣ୍ଠୁଏ ନଈପାଣିରେ ପାର ହୋଇ ମହାରାଜପାଲି ପଞ୍ଚାୟତକୁ ଯିବାକୁ ପଡିଥାଏ। ବର୍ଷା ଦିନେ ପଞ୍ଚାୟତକୁ ଯିବା ଆହୁରି କଷ୍ଟକର ହୋଇପଡେ। ଗ୍ରାମର ସମସ୍ୟା ନେଇ ଗ୍ରାମବାସୀ ପ୍ରଶାସନଠାରୁ ଆରମ୍ଭ କରି ବିଧାୟକ ଏବଂ ଏମ୍‌ପି ସମସ୍ତଙ୍କୁ ଜଣେଇଥିଲେ ସୁଦ୍ଧା କିଛି ସୁଫଳ ମିଳିନି। ଏ ସମ୍ପର୍କରେ କାଲିମେଳା ବ୍ଲକ ଅଧ୍ୟକ୍ଷଙ୍କୁ ପଚାରିବାରୁ ସେ କହିଲେ ଯେ, ଜାଲିଗୁଡା ଗ୍ରାମ ସମସ୍ୟା ପ୍ରତି ଆଗାମୀ ଦିନରେ ଗୁରୁତ୍ୱ ଦେଇ ସମସ୍ୟା ସମାଧାନ କରିବେ।

# ପରିବାର ମଙ୍ଗଳ ଯୋଜନାରେ ସାମିଲ କରିଦେବାକୁ କହି ଅର୍ଥ ଆଦାୟ

ଦଶମନ୍ତପୁର, ୨୨।୧୧ ( ଡି.ଏନ.ଏ. )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ହିତାଧିକାରୀମାନେ ପରିବାର ମଙ୍ଗଳ ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏହାର ସୁଯୋଗ ନେଇ ଏହି ସହାୟତା କରାଇଦେବାକୁ ପ୍ରତିଶ୍ରୁତି ଦେଇ କେତେକ ଅର୍ଥ ଦାବି କରୁଥିବା ଦେଖିବାକୁ ମିଳୁଛି। ମୁଜାଙ୍ଗ ପଞ୍ଚାୟତ ସଦର ଗ୍ରାମରେ ୧୦ ଜଣ ବିଧବା ସରକାରଙ୍କ ପରିବାର ମଙ୍ଗଳ ଯୋଜନାରୁ ଉପକୃତ ହୋଇନାହାନ୍ତି। ଗ୍ରାମର ମଇନା ଭୋଇଙ୍କ ସ୍ୱାମୀଙ୍କ ମୃତ୍ୟୁର ବର୍ଷେ ବିତିଗଲାଣି, ମୋତି ଭୋଇଙ୍କ ସ୍ୱାମୀଙ୍କ ମୃତ୍ୟୁର ୧୫ ବର୍ଷ ବିତି ଯାଇଥିଲେ ହେଁ ପରିବାର ମଙ୍ଗଳ ଯୋଜନାରୁ ସହାୟତା ପାଇନାହାନ୍ତି। ଏହିପରି ୧୦ ଜଣ ବିଧବା ଏହି ଯୋଜନାରୁ ସହାୟତା ପାଇ ନ ଥିବା ଜଣାପଡିଛି। ତେବେ ଏହାର ସୁଯୋଗ ନେଇ ଜଣେ ବ୍ୟକ୍ତି ତୁମମାନଙ୍କୁ ସରକାରଙ୍କ ପରିବାର ମଙ୍ଗଳ ଯୋଜନାରେ ସାମିଲ କରାଇଦେବି କହି ଘରକୁ ଘର ବୁଲି ଅର୍ଥ ଆଦାୟ କରୁଥିବା ଗ୍ରାମର କାଣିମା ଭୋଇ, ଘିନାଇ ମୁଦୁଲି, ସୁକୁଟି ପାଇକ ଅଭିଯୋଗ କରିଛନ୍ତି। ପ୍ରଶାସନ ନ ଶୁଣିବାରୁ ଏହି ମହିଳାମାନେ ଦଲାଲ ଦ୍ୱାରା ଶୋଷଣର ଶିକାର ହୋଇଛନ୍ତି। ସେମାନଙ୍କୁ ସରକାରଙ୍କ ପରିବାର ମଙ୍ଗଳ ଯୋଜନାରେ ସାମିଲ କରି ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏଏସଏସଓ ଦିଲୀପ କୁମାର ହିଆଲଙ୍କୁ ପଚାରିବାରୁ ସେ କହିଲେ ଯେ, କାହିଁକି ସମ୍ପୃକ୍ତ ମହିଳାମାନେ ପୂର୍ବରୁ ଆବେଦନ ନକରି ଚୁପ ହୋଇ ରହିଥିଲେ। ଏବେ ଅଫ ଲାଇନ ଆବେଦନ ବନ୍ଦ ହୋଇଯାଇଛି। ସେମାନେ ଆବେଦନ କଲେ ଏଥିପ୍ରତି ପଦକ୍ଷେପ ନିଆଯିବ।

# ଜିଲାରେ କମୁଛି କରୋନା ସଂକ୍ରମଣ

ମାଲକାନଗିରି,୨୨।୧୧(ଡି.ଏନ୍.ଏ.)

ଚଳିତବର୍ଷ ମାର୍ଚ୍ଚ ୨୩ରୁ ଦେଶରେ କରୋନା ବ୍ୟାପିବା ଆରମ୍ଭ କରିଥିଲା। ଏଥିରୁ ଓଡ଼ିଶା ମଧ ବାଦ ପଡିନି। ଜୀବନ ବଞ୍ଚାଇବା ଲାଗି ସରକାର ବିଭିନ୍ନ ସମୟରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଲକ୍‌ଡାଉନ, ଶଟ୍‌ଡାଉନ ଜାରି କରିବା ସହ ରାତ୍ରିକାଳୀନ କର୍ଫ୍ୟୁ ଜାରି କରିଛନ୍ତି। ବିଦ୍ୟାଳୟ, ମନ୍ଦିର ଅଦ୍ୟାବଧି ବନ୍ଦ ରହିଛି। ତେବେ ପୂର୍ବରୁ ଯେତେ ସଂଖ୍ୟକ କରୋନା ଆକ୍ରାନ୍ତ ଚିହ୍ନଟ ହେଉଥିଲେ ଏବେ ସେହି ହାରରେ ରୋକେ। ଲାଗିଛି। ସଂକ୍ରମିତଙ୍କ ସଂଖ୍ୟା କମିବାରେ ଲାଗିଛି। ଅନେକ ଚେଷ୍ଟା ଓ ଉଦ୍ୟମ ସତ୍ତ୍ୱେ ଏଯାଏ ଏହି ରୋଗର ଔଷଧ ବାହାରିପାରିନାହିଁ। କେବେଳ ସଚେତନତା ଅବଲମ୍ବନ କଲେ ଏହାର ସଫଳ ମୁକାବିଲା ହୋଇପାରିବ ବୋଲି କୁହାଯାଉଛି। ମାଲକାନଗିରି ଜିଲାରେ ଆରମ୍ଭରୁ କରୋନା ରୋଗୀ ଚିହ୍ନଟ ହୋଇ ନ ଥିଲେ। ତଥାପି ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସ୍ୱତନ୍ତ୍ର କୋଭିଡ-୧୯ ଚିକିତ୍ସାଳୟ ଖୋଲାଯାଇଥିଲା। ଏପ୍ରିଲ ମଧଭାଗ ସୁଦ୍ଧା ଜିଲାରେ କରୋନା ରୋଗୀ ଚିହ୍ନଟ ହୋଇ ନଥିଲେ। ଏପ୍ରିଲ ୨୮ରୁ ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଏନେଇ ପ୍ରଶାସନ ଚିନ୍ତାରେ ପଡିଥିଲା। ମାଲାକନଗିରି ସଦର ମହକୁମାରେ କୋଭିଡ-୧୯ ଚିକିତ୍ସାଳୟ ବ୍ୟତୀତ ବିଇଡି କଲେଜ, କଲ୍ୟାଣ ମଣ୍ଡପ, ଏକଲବ୍ୟ ବିଦ୍ୟାଳୟରେ ସଂଗରୋଧ କେନ୍ଦ୍ର ଗୁଡିକ ଖୋଲାଯାଇ କରୋନା ରୋଗୀଙ୍କୁ ଚିକିତ୍ସା କରାଗଲା। ଜିଲାରେ ମେ ମାସରୁ ଅକ୍ଟୋବର ପର୍ଯ୍ୟନ୍ତ ଦିନକୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କରୋନା ପଜିଟିଭ୍ ଚିହ୍ନଟ ହେଉଥିବା ବେଳେ ନଭେମ୍ବର ପହିଲାରୁ ସଂକ୍ରମଣ ହାର ହ୍ରାସ ପାଇବାରେ ଲାଗିଛି। ଏଯାବତ୍ ୫୧୩୬ ଜଣ କରୋନା ରୋଗୀ ଚିହ୍ନଟ ହୋଇଥିବା ବେଳେ ୫୦୧୭ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୯୮ ଜଣ ଚିକିତ୍ସାଧୀନ ଅଛନ୍ତି। ୨୧ ଜଣଙ୍କ ମୃତ୍ୟୁ ଘଟିଛି।

## ଭାଜପାର ପ୍ରଶିକ୍ଷଣ ନେଇ ବୈଠକ

ଜୟପୁର,୨୨।୧୧(ଡି.ଏନ.ଏ )

କୋରାପୁଟ ଜିଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୟପୁରସ୍ଥିତ କାର୍ଯ୍ୟାଳୟଠାରେ ଜିଲା ସଭାପତି ସୁମନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଜିଲାର ୩୩ଟି ମଣ୍ଡଳରୁ ୩୦ଜଣ ପ୍ରଶିକ୍ଷକ ସାମିଲ ଯୋଗ ଦେଇଥିଲେ। ଦଳର ନୀତି, ଆଦର୍ଶ, ଦେଶଗଠନ ଭଳି ୧୦ଟି ବିଷୟକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଜିଲ ପ୍ରଶିକ୍ଷଣ ସଂଯୋଜକ ଦେବୀ ପ୍ରସାଦ କର ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମପି ଜୟରାମ ପାଙ୍ଗି, ପୂର୍ବତନ ଜିଲା ସଭାପତି ବିଜୟ ମିଶ୍ର, ଗୌତମ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ନଗର ସଭାପତି ସାଧୁଚରଣ ଦାଶ ଚୌଧୁରୀଙ୍କ ନେତୃତ୍ୱରେ ସ୍ଥାନୀୟ କୋଭିଡ ଚିକିତ୍ସାଳୟ ସମ୍ମୁଖରେ ଥିବା ଆଦିବାସୀ ନେତା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଦନାଥ ମିଶ୍ର, ମଧୁ ହିଆଲ, ସଞ୍ଜୟ ବେହେରା, ଚିଣ୍ଟୁ ପଟ୍ଟନାୟକ, ସୁରଭି ପାଣି, ରଘୁନାଥ ପାଣିଗ୍ରାହୀ, ଅଞ୍ଜଳି ମିଶ୍ର, ସ୍ୱାତୀ ହୋତା, ଚିନ୍ମୟୀ ପାଇକରାୟ, ସିମା କରଣ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଠିକାଦାର ସମେତ ୪ ଗୁରୁତର


ଓଲଟି ପଡିଥିବା କାର।

କୋରାପୁଟ, ୨୨।୧୧(ସ୍ୱ.ପ୍ର.)

କୋରାପୁଟ ଜିଲାର ଲକ୍ଷ୍ମୀପୁର ନିକଟ ଡୋଲିଆମ୍ବା ଗ୍ରାମ ନିକଟରେ ରବିବାର ସଂଧ୍ୟାରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ଠିକାଦାରଙ୍କ ସମେତ ୪ ଜଣ ଗୁରୁତର ହୋଇଛନ୍ତି। କୋରାପୁଟ ପୋଲିସ ହାଉସିଂବୋର୍ଡର ଠିକାଦାର ସୌମ୍ୟରଞ୍ଜନ ମହାପାତ୍ର ବନ୍ଧୁଗାଁ ଥାନା ପରିସରରେ ହେଉଥିବା ଏକ କାର୍ଯ୍ୟ ଦେଖି ସନ୍ଧ୍ୟାରେ କୋରାପୁଟ ଏକ କାରରେ ଫେରୁଥିଲେ। କାରଟି ଲକ୍ଷ୍ମୀପୁର ଥାନା ଡୋଲିଆମ୍ବାଠାରେ ଭାରସାମ୍ୟ ହରାଇ ୩୨୬ ଜାତୀୟ ରାଜପଥରେ କଡରେ ଓଲଟି ପଡିଥିଲା। ଫଳରେ କାରରେ ଥିବା ସୌମ୍ୟରଞ୍ଜନଙ୍କ ସହ ଅଶୋକ କୁମାର ସେଠି, ଆଲୋକ ଜେନା, ରବିନ୍ଦ୍ର ବେହେରା ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଗୁରୁତର ହୋମ୍‌ଗାର୍ଡଙ୍କୁ ସହାୟତା କଲେ ପୂର୍ବତନ ଏମ୍‌ପି

ଉମରକୋଟ,୨୨।୧୧(ସ୍ୱ.ପ୍ର.)

ଝରିଗାଁ ଥାନାରେ କାର୍ଯ୍ୟରତ ହୋମଗାର୍ଡ ପ୍ରଦୀପ କୁମାର ରଥ ଗତ ୧୫ ତାରିଖ ଅପରାହ୍ନରେ ବାଇକ୍ ଯୋଗେ ଘରକୁ ଫେରିବା ସମୟରେ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କର ଗୋଟିଏ ଗୋଡ଼ ଏବଂ ହାତରେ ଗଭୀର ଆଘାତ ଲାଗିଥିବାବେଳେ ତାଙ୍କୁ ପ୍ରଥମେ ନବରଙ୍ଗପୁର, କୋରାପୁଟ ଏବଂ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଚିକିତ୍ସା ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। କିନ୍ତୁ ଅର୍ଥ ଅଭାବ ଯୋଗୁ ତାଙ୍କ ପରିବାର ଲୋକେ ଅଧିକ ଚିକିତ୍ସା ପାଇଁ ଅସମର୍ଥ ପ୍ରକାଶ କରିଛନ୍ତି। ଖବର ପାଇ ପୂର୍ବତନ ଏମ୍‌ପି ପ୍ରଦୀପ କୁମାର ମାଝି ଗୁରୁତର ହୋମ୍‌ଗାର୍ଡଙ୍କ ଚିକିତ୍ସା ନିମନ୍ତେ ୧୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ଅଧିକ ସହାୟତା ନିମନ୍ତେ ରଥଙ୍କ ପରିବାର ପକ୍ଷରୁ ନିବେଦନ କରାଯାଇଛି।

# କୃଷକ ସଚେତନତା ଶିବିର

ଚିତ୍ରକୋଣ୍ଡା,୨୨।୧୧(ଡି.ଏନ.ଏ.)



ଶିବିରରେ ଉପସ୍ଥିତ ଅତିଥି ଓ ଚାଷୀ।

ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ଭାରପ୍ରାପ୍ତ ଜିପିଓ ଅଭୟ ଆଦୁଙ୍କ ତତ୍ତ୍ୱାବଧାନରେ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଲରିମନ ଖରସେଲ ଅଧ୍ୟକ୍ଷତା କରିଥିଲେ। ମାଲକାନଗିରି ସମବାୟ ନିବନ୍ଧକ କାର୍ଯ୍ୟାଳୟର ନିରୀକ୍ଷକ ଅର୍ଜୁନ ଚରଣ ମହନ୍ତ, ଆରଏମସି ସୁପରଭାଇଜର ଲଛମା ରାଓ, ରଜନୀକାନ୍ତ ଦାସ, ବାବୁଲା ହାଁସଦା ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତର ଚାଷୀଙ୍କୁ ମଣ୍ଡିରେ ଧାନ କିଣାବିକା ନେଇ ସଚେତନ କରାଯାଇଥିଲା। ଚାଷୀ କିଭଳି ଧାନର ଉଚିତ ପ୍ରାପ୍ୟ ପାଇବେ ସେ ସମ୍ପର୍କରେ ଅବଗତ କରାଯାଇଥିଲା। ଧାନରେ ବାଲି ଗୋଡି ମାଟି ନ ଥିବ, ଓଦା କିମ୍ବା ବତୁରି ନ ଥିବ, ଧାନକୁ ଭଲ ରୂପେ ବାଛି ଶୃଙ୍ଖଳା କରି ମଣ୍ଡିକୁ ନେବାକୁ କୁହାଯାଇଥିଲା। ସୂଚନାଯୋଗ୍ୟ, ଚଳିତବର୍ଷ ଧାନ କୁଇଣ୍ଟାଲ ପିଛା ୧୮୬୮ ଟଙ୍କା ଧାର୍ଯ୍ୟ ହୋଇଛି।

### ଦେଶବ୍ୟାପୀ ଧର୍ମଘଟ ସଫଳ କରିବାକୁ ଶୋଭାଯାତ୍ରା

ଜୟପୁର, ୨୨।୧୧ (ନି.ପ୍ର.)-ଆସନ୍ତା ୨୬ରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ ହେବ। ଏହାକୁ ସଫଳ କରିବା ପାଇଁ ଶ୍ରମିକ କର୍ମଚାରୀ ସଙ୍ଗଠନ ପକ୍ଷରୁ ରବିବାର ମିଳିତ ଶୋଭାଯାତ୍ରା କରାଯାଇଛି। ସଙ୍ଗଠନ ସଦସ୍ୟମାନେ ପ୍ଲା କାର୍ଡ ଓ ବ୍ୟାନର ଧରି ଶୋଭାଯାତ୍ରାରେ ବାହାରି ସମସ୍ତଙ୍କୁ ସଚେତନ କରିଥିଲେ। ସାଧାରଣ ମଣିଷର ସାଧାରଣ ଆବଶ୍ୟକତା ପୂରଣ ଦିଗରେ କେନ୍ଦ୍ର ସରକାରଙ୍କ ଉଦାସୀନତା, ଦରଦାମ ନିୟନ୍ତ୍ରଣରେ ବିଫଳତାର ପ୍ରତିବାଦରେ ଏହି ଧର୍ମଘଟ ହେବ। ଏହି ଦିନ ଚକ, ଅଖ, ଦୋକାନ, ବଜାର, ବ୍ୟାଙ୍କ, ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ଦରଦାମ ନିୟନ୍ତ୍ରଣ, ଶ୍ରମିକ ଓ କୃଷକ ବିରୋଧୀ ଶ୍ରମ ଓ କୃଷି ଆଇନ ପ୍ରତ୍ୟାହାର, ରେଳ, ବୀମା, ପ୍ରତିରକ୍ଷା ଓ ଅନ୍ୟାନ୍ୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଗରିବ ପରିବାରଙ୍କୁ ମାସିକ ୭ ହଜାର ୫ ଶହ ଟଙ୍କା ସହାୟତା ସହ ମାସିକ ୧୦ କେଜି ଚାଉଳ ପ୍ରଦାନ ଦାବି ନେଇ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଏହି ଧର୍ମଘଟ କରାଯାଉଛି। ଶୋଭାଯାତ୍ରାରେ ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ଜିଲାଭିତ୍ତିକ ନିଯୁକ୍ତି ଦାବି

**ଯୁବ ସଙ୍ଗଠନ ପକ୍ଷରୁ ବୈଠକ**

ଜୟପୁର,୨୨।୧୧ (ନି.ପ୍ର.)

ଜୟପୁରଠାରେ ଯୁବ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଓ ବେସରକାରୀ ସ୍ତରରେ ଗ୍ରୁପ ସି ଓ ଡି ସରକାରୀ ଚାକିରି କ୍ଷେତ୍ରରେ ଜିଲାଭିତ୍ତିକ ନିଯୁକ୍ତି ଲାଗି ବୈଠକରେ ଦାବି ହୋଇଥିଲା। ଏହା ହେଲେ କୋରାପୁଟ ଜିଲାର ବେକାର ଯୁବତୀଯୁବକମାନେ ଜିଲା ଭିତରେ ନିଯୁକ୍ତି ସୁଯୋଗ ପାଇପାରିବେ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏ ଦିଗରେ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଜିଲାର ଏମ୍‌ପି ଓ ବିଧାୟକଙ୍କୁ ମଧ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ସୁଫଳ ନ ମିଳିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ଏନେଇ ସମସ୍ତେ ସହଯୋଗ କରିବାକୁ ଶପଥ ନେଇଥିଲେ। ବୈଠକରେ ରବୀନ୍ଦ୍ର ମହାପାତ୍ର, ରାଜେଶ ତ୍ରିପାଠୀ, ମହେନ୍ଦ୍ର ଅଧିକାରୀ, ଦେବୀ ଶଙ୍କର ବ୍ରହ୍ମା, ଦେବେନ୍ଦ୍ର ବାହିନୀପତି, ସୈରା ଜେନା, ଲଳିତ ଅଗୋର୍ବାଲ,ମୋହନ ଦୋରା, କେଦାର ଗୌରୀ ଦାସ, ଏରା ଦୁର୍ଗା ପ୍ରସାଦ, ସୀମାଞ୍ଚଳ ସୁଆର, ସନ୍ତୋଷ ପୂଜାରି, ଜଗା ପାଇକରାୟ, କାନୁ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


ଯୁବ ସଂଗଠନ ପକ୍ଷରୁ ଚାଲିଥିବା ବୈଠକ।

# ପ୍ରଶାସନର ଜାଣତରେ ହେଉଛି ବାଲି ଚାଲାଣ

କୁନ୍ଦୁରା, ୨୨।୧୧(ଡି.ଏନ.ଏ.)


ନଦୀଘାଟରୁ ବାଲି ଚୋରାଚାଲାଣ ବେଳେ ଯୁବକମାନେ ଗାଡି ଅଟକ ରଖିଛନ୍ତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଗ୍‌ଦେରୀ ପଞ୍ଚାୟତ ଅନ୍ତର୍ଗତ ଜାମକବାଡିଠାରେ ଥିବା କୁର୍ଲୁ ନଦୀରୁ ବେଆଇନ ଭାବେ ବାଲି ଚୋରାଚୋଲାଣ ହେଉଥିବା ଅଭିଯୋଗ ହେଉଛି। ରବିବାର କେତେକ ଯୁବକ ସେଠାରେ ପହଞ୍ଚି ବାଲିଭର୍ତ୍ତି ଗାଡିଗୁଡିକ ଅଟକାଇଥିବା ଜଣାପଡିଛି। ଖବରରୁ ଜଣାପଡିଛି କୁନ୍ଦୁରା ବ୍ଲକରେ ୩ଟି ନଦୀ କୋଲାବ, କୁର୍ଲୁ ଏବଂ ବିରି ନଦୀ ରହିଛି। ଗତ କିଛି ଦିନ ତଳେ କୁର୍ଲୁ ନଦୀଘାଟକୁ ଦୀର୍ଘମିଆଦି ଲିଜ୍ ସୂତ୍ରରେ ୫ବର୍ଷ ଯାଏ ଟେଣ୍ଡର ପ୍ରଦାନ କରାଯାଇଛି। ତେବେ ବାଲି ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଜଣେ ପ୍ରଭାବଶାଳୀ ବ୍ୟକ୍ତି ଧରା ପଡିବା ସତ୍ତ୍ୱେ ତାଙ୍କ ବିରୋଧରେ ପ୍ରଶାସନ କିଛି ପଦକ୍ଷେପ ନେଉନାହିଁ। ସେ ବର୍ଷାଦିନ ପ୍ରାରମ୍ଭରେ ବାଲି ଚାଲଣ କରୁଥିବାବେଳେ ବାଗଦେରୀ ପଞ୍ଚାୟତ ଅନ୍ତର୍ଗତ ଡିସାରିଗୁଡା ଗ୍ରାମବାସୀ ଅତିରିକ୍ତ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅତିରିକ୍ତ ତହସିଲଦାର ତାଙ୍କର ଫାଇନ କାଟିବା ବଦଳରେ ନୀରବ ରହି ଛାଡିଦେଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ଏକ ପଥର କ୍ରସର ଓ ମାଟି ଖୋଳିବା ପୋକଲିନ ମେଶିନ ରହିଛି। ଏହାଦ୍ୱାରା ସେ କୁର୍ଲି ନଦୀ ଘାଟରୁ ଶହ ଶହ ଗାଡି ବାଲି ଚୋରାଚାଲାଣ କରୁଛନ୍ତି। ପ୍ରଶାସନ ସବୁ ଜାଣି ନ ଜାଣିଲା ଭଳି ରହୁଥିବା କନ୍ଦାଯୋଡି ଏବଂ ଘାଡଗାଙ୍ଗୁଡା ଗ୍ରାମବାସୀ କହିଛନ୍ତି। ଗ୍ରାମର ଚନ୍ଦ୍ର ଶେଖର ରଥ, ଭାସ୍କର ବେହେରା, ରିକଲୁ ପଟ୍ଟନାୟକ, ସୁମନ ବେହେରା, ବାଗଦେରୀ ସରପଞ୍ଚ ଅଭିରାମ ସାନ୍ତା, କନ୍ଦାଯୋଡି ସମିତିସଭ୍ୟ ବାଲି ଚୋରାଚାଲାଣକୁ ରୋକିବା ଲାଗି ଦାବି କରିଛନ୍ତି। ଏସମ୍ପର୍କରେ ତହସିଲଦାର ଆୟୁବ ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଜାମକବାଡି ବାଲି ଘାଟ ଟେଣ୍ଡର ହୋଇନାହିଁ। ଏହାର ସୁଯୋଗ ନେଇ ବେଆଇନ ବାଲିଚାଲାଣ ହେଉଛି। ବିଭିନ୍ନ ସମୟରେ ଧରପଗଡ କରାଯାଇ ଚାଲାଣକାରୀଙ୍କଠାରୁ ଫାଇନ କଟାଯାଉଛି। ନିକଟରେ ବାଲି ଚୋରାଚାଲାଣ ବେଳେ ହାଇଓ୍ୱା ବାବଦକୁ ୩୦ହଜାର ଏବଂ ମେଶିନ ବାବଦକୁ ୨୫ହଜାର ଟଙ୍କା ଫାଇନ କଟାଯାଇଛି।

